# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**27th May - 2025**

**News Editor : Tapan Kumar Moharana**

**************************************

## ମୁଖ୍ୟ ସମ୍ବାଦ

- ଦେଶର ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ସହରଗୁଡ଼ିକର ଅର୍ଥନୈତିକ କ୍ଷମତା ବିକଶିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

- ସରକାରଙ୍କ ଯୁଗାନ୍ତକାରୀ କୃଷିଭିତ୍ତିକ ପଦକ୍ଷେପଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଆସନ୍ତା ଗୁରୁବାରରୁ ଆରମ୍ଭ ହେବ 'ବିକଶିତ କୃଷି ସଂକଳ୍ପ ଅଭିଯାନ'

- ରାଜ୍ୟର ସୀମା ବିବାଦର ସମାଧାନ ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହେଲା ପ୍ରଥମ ବୈଠକ

- ପୁରୀ ଶ୍ରୀମନ୍ଦିରରେ ଆଜି ପାଳନ ହେଉଛି ସାବିତ୍ରୀ ଅମାବାସ୍ୟା ନୀତି

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ; ପ୍ରଭାବରେ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

# ପିଏମ୍-ଗୁଜୁରାଟ

ବିଶ୍ୱର ପ୍ରଥମ ୩ଟି ଅର୍ଥନୈତିକ ଅଗ୍ରଣୀ ରାଷ୍ଟ୍ରର ତାଲିକାରେ ଭାରତ ସ୍ଥାନ ପାଇବାକୁ ହେଲେ, ଦେଶର ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ସହର ଗୁଡ଼ିକୁ ଅର୍ଥନୈତିକ ସ୍ତରରେ ବିକଶିତ କରିବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଗୁଜୁରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରଠାରେ ଆଜି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରି ୧୧ତମ ସ୍ଥାନରୁ ଉଠି ଆଜି ୪ର୍ଥ ଅର୍ଥନୀତିରେ ପହଞ୍ଚିପାରିଛି....

**V/O (PM Economy)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଶାନ୍ତିର ମାର୍ଗ ଅନୁସରଣ କରୁଛି। କେବଳ ନିଜ ଦେଶ ନୁହେଁ, ସାରା ବିଶ୍ୱର ଉନ୍ନତି ପାଇଁ କୋଟି କୋଟି ଭାରତୀୟ ସରକାରଙ୍କ ସହିତ ମିଶି କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ପହଲଗାମ ଆତଙ୍କବାଦୀ ଆକ୍ରମଣ ଏହା ପ୍ରମାଣ କରୁଛି ଯେ ପାକିସ୍ତାନ ଭାରତ ବିରୋଧରେ ଛାୟାଯୁଦ୍ଧ ଆଳରେ ଯୋଜନାବଦ୍ଧ ଭାବେ ଯୁଦ୍ଧ ପାଇଁ ପ୍ରସ୍ତୁତି କରୁଛି ।

# କୃଷି ସଂକଳ୍ପ ଅଭିଯାନ

କେନ୍ଦ୍ର ସରକାରଙ୍କର ବିକଶିତ କୃଷି ସଂକଳ୍ପ ଅଭିଯାନ ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ

ଜରିଆରେ ଏହି ଅଭିଯାନର ଶୁଭାରମ୍ଭ କରିବେ। କେନ୍ଦ୍ର ସରକାରଙ୍କର ଯୁଗାନ୍ତକାରୀ କୃଷି ପଦକ୍ଷେପକୁ ତୃଣମୂଳସ୍ତରରେ ପହଞ୍ଚାଇବା ଏବଂ କୃଷି କ୍ଷେତ୍ରରେ ନବସୃଜନ ସୃଷ୍ଟି ଲକ୍ଷ୍ୟରେ ସଂକଳ୍ପ ଅଭିଯାନର ଆୟୋଜନ କରାଯାଉଛି। ଆସନ୍ତା ଜୁନ୍ ମାସ ୧୨ ତାରିଖ ପର୍ଯ୍ୟନ୍ତ କୃଷି ସଂକଳ୍ପଯାତ୍ରା ସଂପର୍କିତ କାର୍ଯ୍ୟକ୍ରମ ଦେଶର ବିଭିନ୍ନ ସ୍ଥାନରେ ଚାଲିବ। ବିକଶିତ କୃଷି ସଂକଳ୍ପ ଅଭିଯାନକୁ ଆନୁଷ୍ଠାନିକ ଭାବେ ପୁରୀ ଜିଲ୍ଲାରୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଆରମ୍ଭ ହେବ। ଜିଲ୍ଲାର ସାକ୍ଷୀଗୋପାଳ ନିକଟସ୍ଥ ବୀରଗୋବିନ୍ଦପୁର କୃଷି ବିଜ୍ଞାନ କେନ୍ଦ୍ରରେ ଏହି ଅଭିଯାନର ଶୁଭାରମ୍ଭ ହେବ। ଏହି ସମୟରେ କୃଷିରଥର ମଧ୍ୟ ଶୁଭାରମ୍ଭ କରାଯିବ ।

ସୂଚନା ଅନୁସାରେ, ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିବେ। ଭୁବନେଶ୍ୱର କୃଷି ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏ ସଂପର୍କରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ ଓଡ଼ିଶା ଗସ୍ତ ସମୟରେ ଭୁବନେଶ୍ୱର ନିକଟସ୍ଥ ସିଫାର ଏକ କାର୍ଯ୍ୟକ୍ରମରେ ଯୋଗଦେବା ସହ ଓୟୁଏଟି ଏବଂ କେନ୍ଦ୍ରୀୟ

ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ବୈଠକରେ ଅନେକ ପ୍ରସ୍ତାବ ଉପରେ ଆଲୋଚନା ସହ ଅନୁମୋଦନ ହେବାର ସମ୍ଭାବନା ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ସୀମା ବିବାଦ

ରାଜ୍ୟ ସୀମା ବିବାଦର ସମାଧାନ ପାଇଁ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ପ୍ରଥମ ବୈଠକ ଆରମ୍ଭ ହୋଇଛି।  ବୈଠକରେ ସୀମା ବିବାଦ ସମାଧାନ ପାଇଁ ଗଠିତ ଗୃହ କମିଟିର ସଦସ୍ୟମାନେ ଉପସ୍ଥିତ ରହି କୋଟିଆ, ପୋଲାଭରମ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଓଡ଼ିଶା ସୀମାରେ ପଡୋଶୀ ରାଜ୍ୟଗୁଡ଼ିକର ପ୍ରଭାବକୁ ହ୍ରାସ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉପରେ ଆଲୋଚନା ହୋଇଥିବା ଜଣାପଡିଛି।

# ସାବିତ୍ରୀ

ପୁରୀ ଶ୍ରୀମନ୍ଦିରରେ ଆଜି ସାବିତ୍ରୀ ଅମାବାସ୍ୟା ପାଳନ କରାଯାଉଛି । ପରମ୍ପରା ଅନୁଯାୟୀ ସାବିତ୍ରୀ ଅମାବାସ୍ୟା ତିଥିରେ ଦ୍ୱିତୀୟ ଜଳକ୍ରୀଡ଼ା ନୀତି ପାଳିତ ହେବ । ଶ୍ରୀଜୀଉମାନଙ୍କ ଆଲଟ ଓ ଚନ୍ଦନଲାଗି ନୀତି ଶେଷ ହେବା ପରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ମିଳିବା ପରେ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିବେ । ମଣ୍ଡପରେ ଭିତର ଚନ୍ଦନଯାତ୍ରା

ନୀତି ଅନୁଷ୍ଠିତ ହେବ । ଶ୍ରୀ ଅମାବାସ୍ୟା ନାରାୟଣ ଠାକୁରଙ୍କୁ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ଆଜି ସାଗର ବିଜେ ନୀତି ମଧ୍ୟ ଅନୁଷ୍ଠିତ ହେବ ।

## କୋଭିଡ୍ ବୈଠକ

ଦେଶରେ କୋଭିଡ୍ ସ୍ଥିତିକୁ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ବୈଠକରେ ଦେଶର ସବୁ ରାଜ୍ୟର ସ୍ୱାସ୍ଥ୍ୟ ସଚିବମାନେ  ଆଭାସୀ ମାଧ୍ୟମରେ ଆଲୋଚନାରେ ଭାଗ ନେବେ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି। ରାଜ୍ୟରେ ବର୍ତ୍ତମାନସୁଦ୍ଧା ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦେଶରେ ଦେଖାଦେଇଥିବା କରୋନା ସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଶ୍ରୀ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଦେଶରେ କୋଭିଡ୍ ରୋଗୀଙ୍କ ସଂଖ୍ୟା ୧ ହଜାରରୁ ଊର୍ଦ୍ଧ୍ୱ  ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୋଭିଡ୍-୧୯ ପୋର୍ଟାଲର ତଥ୍ୟ ଅନୁସାରେ ଗତକାଲି ଦେଶରେ ୧ ହଜାର ୯ ଜଣ ସକ୍ରିୟ କରୋନା ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେରଳରେ ସର୍ବାଧିକ ୪୩୦ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ମହାରାଷ୍ଟ୍ର, ଦିଲ୍ଲୀ, କର୍ଣ୍ଣାଟକ, ବିହାର, ହିମାଚଳ ପ୍ରଦେଶ, ଜାମ୍ମୁକାଶ୍ମୀର, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ ଓ ଆଣ୍ଡାମାନ ନିକୋବରରୁ କରୋନା ରୋଗୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

## ଶୀତଳଷଷ୍ଠୀ

ଶୀତଳଷଷ୍ଠୀ ଯାତ୍ରାର ପତରପେଣ୍ଡି ବା ନିର୍ବନ୍ଧ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହେବ । ସମ୍ବଲପୁରର ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱରବାବାଙ୍କର ଆଜି ନିର୍ବନ୍ଧ କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ସମୟରେ ଶୋଭାଯାତ୍ରାରେ ଶଙ୍ଖ, ଘଣ୍ଟ, ଦୁଲ୍‌ଦୁଲି ତଥା ଲୋକନୃତ୍ୟ ସାଥୀରେ ନେଇ ବରପିତା ଓ ସପ୍ତଋଷି କନ୍ୟାଘରେ ପହଞ୍ଚିଲା ପରେ ସର୍ଗିପତ୍ରର ବିଡ଼ା ଓ ବେଲପତ୍ର ଦେଇ ନିର୍ବନ୍ଧ ବିଧି ସଂପନ୍ନ ହେବ ।

## ମ୍ୟୁନିସିପାଲିଟି ମାନ୍ୟତା

**ଗଞ୍ଜାମ** ଜିଲ୍ଲା ପୋଲସରା ବିଜ୍ଞପିତ ଅଂଚଳ ପରିଷଦ-ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଆରମ୍ଭ ହୋଇଛି । ନିର୍ଦ୍ଧାରିତ ଫର୍ମରେ ତଥ୍ୟ ଦାଖଲ ପାଇଁ ପୋଲସରା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପକ୍ଷରୁ ପତ୍ର ଲେଖାଯାଇଛି । ସୂଚନାଯୋଗ୍ୟ, ବର୍ତ୍ତମାନ ନୂଆ ଏନ୍‌ଏସି ଓ ମ୍ୟୁନିସିପାଲିଟି ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ନେଇ ଜିଲ୍ଲାପାଳମାନଙ୍କୁ ଚିଠି କରାଯିବା ସହ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରୁ ପ୍ରସ୍ତାବ ପହଞ୍ଚିଛି । ନୂଆ ଏନ୍‌ଏସି ପାଇଁ ଆସିଥିବା ପ୍ରସ୍ତାବର ତର୍ଜମା ପରେ ୱାର୍ଡ ଓ ପଂଚାୟତ ପାଇଁ ଥିବା ସମସ୍ୟାର ସମାଧାନ କରି ପଞ୍ଚାୟତିରାଜ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗକୁ ରିପୋର୍ଟ ପଠାଇଛି । ଏ ନେଇ ଉଭୟ ବିଭାଗ ମଧ୍ୟରେ

୨ଥର ବୈଠକ ଶେଷ ହୋଇଛି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି ।

## ପରାକ୍ରମ ଶୋଭାଯାତ୍ରା

**ନୟାଗଡ଼** ଜିଲ୍ଲା ଭାପୁରଠାରେ ଅପରେସନ୍ ସିନ୍ଦୂରର ସଫଳତାକୁ ନେଇ ପରାକ୍ରମ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଭାପୁର ଶ୍ରୀରାମ ବିହାରରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା । ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ସଶକ୍ତ କରିବା ସହ ପହଲଗାମ ଆକ୍ରମଣର ପ୍ରତିଶୋଧ ଓ ଅପରେସନ୍ ସିନ୍ଦୂର ଜରିଆରେ ଆତଙ୍କବାଦ ଉପରେ ଭାରତର ବିଜୟ ଉପରେ ବିଧାୟକ ଶ୍ରୀ ସ୍ୱାଇଁ ଆଲୋକପାତ କରିଥିଲେ ।

## କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ନୟାଗଡ଼** ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଜିଲ୍ଲା ଓକିଲ ସଂଘ ସଭାପତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଓକିଲ ସଂଘ ସମୂହ ସଭାପତି, ସଂପାଦକ ଓ କାର୍ଯ୍ୟକର୍ତ୍ତାଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ପରିବାରକୁ ଆୟୁଷ୍ମାନ ଯୋଜନାରେ ସାମିଲ ଓ ଜିଲ୍ଲାରେ ଭିଜିଲାନ୍ସ ଅଦାଲତ ପ୍ରତିଷ୍ଠା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି । ଜିଲ୍ଲାର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଦୁର୍ନୀତି ଭ୍ରଷ୍ଟାଚାର ସଂକ୍ରାନ୍ତୀୟ ମକଦ୍ଦମା ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତରେ ବିଚାରାଧୀନ ରହିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ଏକ ଭିଜିଲାନ୍ସ ଅଦାଲତ ଖୋଲିବାର ପ୍ରାସଙ୍ଗିକତା ରହିଛି ବୋଲି ସଭାପତି ଶ୍ରୀ ଦାସ ସମ୍ମିଳନୀରେ

କହିଛନ୍ତି। ଜିଲ୍ଲା ଓକିଲ ସଂଘ ସଂପାଦକଙ୍କ ସହ ବହୁ ବରିଷ୍ଠ ଆଇନଜୀବୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲା ବିଜେପି ପକ୍ଷରୁ ରାଣୀ ଅହଲ୍ୟାବାଈ ହୋଲକରଙ୍କ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହର ଉପକଣ୍ଠ ଲୋକନାଥ ମନ୍ଦିର ସମ୍ମୁଖରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବହୁ ଦଳୀୟ କାର୍ଯ୍ୟକର୍ତ୍ତା, ସମାଜସେବୀ ଯୋଗଦେଇ ରାଣୀ ଅହଲ୍ୟାବାଈଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବପିଢ଼ୀଙ୍କୁ ପରାମର୍ଶ ଦେଇଥିଲେ।

## କିଶୋର ସ୍ୱାକ୍ଷର ସମାରୋହ

**ଭଦ୍ରକ** ଜିଲ୍ଲା ସଂସ୍କୃତିଭବନଠାରେ ଶିଶୁ ସାହିତ୍ୟ ପତ୍ରିକା କିଶୋର ସ୍ୱାକ୍ଷରର ରଜତ ଜୟନ୍ତୀ ସମାରୋହକୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ  ସାଧାରଣ ଲୋକଙ୍କ ସାମାଜିକ ଚଳିଣିରେ ସାହିତ୍ୟ ପତ୍ରିକାର ଭୂମିକା ଉପରେ ଆଲୋଚନା କରାଯାଇଥିଲା।

## ଜନ ଅଭିଯୋଗ ଶୁଣାଣି

**ରାୟଗଡ଼ା** ଜିଲ୍ଲା ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୪ଟି ଅଭିଯୋଗ ପଂଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୨ଟି ଗୋଷ୍ଠୀଗତ, ୩୨ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା।

ଜିଲ୍ଲାପାଳ  ଶିବିରରେ ୨ ଜଣଙ୍କୁ ଆର୍ଥିକ ସହାୟତା ସମେତ ୫ ଜଣଙ୍କୁ ଭତ୍ତା ପ୍ରଦାନ ଓ ନୂତନ ରାସନକାର୍ଡ ବଣ୍ଟନ କରିଛନ୍ତି ।

## ପାଣିପାଗ

ପଶ୍ଚିମ-କେନ୍ଦ୍ରୀୟ ସଂଲଗ୍ନ ଉତ୍ତର ବଙ୍ଗୋପ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଜି ଅପରାହ୍ଣରେ ଲଘୁଚାପରେ ପରିଣତ ହୋଇଛି । ଏହା କ୍ରମଶଃ ଘନୀଭୂତ ହୋଇ ଉତ୍ତର ଦିଗକୁ ଗତି କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ଆଜି ମଧ୍ୟାହ୍ନରୁ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ଆରମ୍ଭ ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ଯାଜପୁର, କଟକ, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଲଘୁଚାପର ପ୍ରଭାବ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ରହିବାର ଅନୁମାନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ସତର୍କ ରହିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାବ୍ୟତୀତ ବଜ୍ରପାତ ସମୟରେ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।